# NATIONAL NEWS BULLETIN (ODIA)

## 24 March - 2026

## Morning Bulletin : 7.15 a.m.

*****************************

## ମୁଖ୍ୟ ସମ୍ବାଦ

- ସାମ୍ପ୍ରତିକ ଯୁଦ୍ଧ ପରିସ୍ଥିତି ମଧ୍ୟରେ ଭାରତର ନୀତି, ଚିନ୍ତାଧାରା ଏବଂ ଦକ୍ଷତାକୁ ବିଶ୍ୱ ସ୍ୱୀକାର କରୁଛି, କହିଲେ ପ୍ରଧାନମନ୍ତ୍ରୀ ।
- ପଶ୍ଚିମ ଏସିଆ ସଂଘର୍ଷ ପରିପ୍ରେକ୍ଷୀରେ ଆମେରିକା ପ୍ରତିପକ୍ଷଙ୍କ ସହ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଆଲୋଚନା ।
- ଯକ୍ଷ୍ମା ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଯକ୍ଷ୍ମା ଦିବସ ।

– ୧୦୦ ଦିନିଆ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ କରିବେ ସ୍ୱାସ୍ଥ୍ୟ ମନ୍ତ୍ରୀ ।

- ଇରାନ୍ ତୈଳ କ୍ଷେତ୍ର ଉପରେ ଅସ୍ଥାୟୀ କଟକଣା କୋହଳକୁ ଯଥାର୍ଥ, ବୋଲି ବର୍ଣ୍ଣନା କଲେ ଆମେରିକା ରାଷ୍ଟ୍ରପତି ।

ଏବଂ

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆଜିଠାରୁ ଆରମ୍ଭ ହେଉଛି ଦୁଇ ଦିନିଆ ଜାତୀୟ ଇଣ୍ଡୋର ଆଥ୍‌ଲେଟିକ୍ସ ଚାମ୍ପିୟାନ୍‌ସିପ୍ ।

## ପିଏମ୍-ଓ୍ୱେଷ୍ଟ ଏସିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପଶ୍ଚିମ ଏସିଆ ବିବାଦ ପରିପ୍ରେକ୍ଷୀରେ ଭାରତ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି । ସମ୍ପର୍କର ସୁଦୃଢ଼ିକରଣ, ନିର୍ଣ୍ଣାୟକ ପଦକ୍ଷେପ ଏବଂ ପରିସ୍ଥିତିକୁ ପ୍ରଭାବଶାଳୀ ଢଙ୍ଗରେ ପରିଚାଳନା କରି ଭାରତ ନିଜର ଶକ୍ତି ପ୍ରଦର୍ଶନ କରିପାରିଛି । ନୂଆଦିଲ୍ଲୀରେ ଏକ ଘରୋଇ ଗଣମାଧ୍ୟମ ଗୋଷ୍ଠୀ ଦ୍ୱାରା ଆୟୋଜିତ ସମାବେଶକୁ ଗତ ସନ୍ଧ୍ୟାରେ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି, ଗତ ମାସ ୨୮ ତାରିଖରୁ ବୈଶ୍ୱିକ ଅନିଶ୍ଚିତତା ସତ୍ତ୍ୱେ ଭାରତ ଆତ୍ମ ବିଶ୍ୱାସ ଏବଂ ବିକାଶ ପ୍ରତି ଦୃଢ଼ ଅଙ୍ଗିକାରବଦ୍ଧତା ପ୍ରକାଶ କରିଛି । ସୃଷ୍ଟ ଆହ୍ୱାନଗୁଡ଼ିକୁ ମୁକାବିଲା କରିବାରେ ଭାରତ କେବେବି ପଶ୍ଚାତପଦ ହୁଏ ନାହିଁ । ସାମ୍ପ୍ରତିକ ଯୁଦ୍ଧ ପରିସ୍ଥିତି ମଧ୍ୟରେ ସମଗ୍ର ବିଶ୍ୱ ଭାରତର ନୀତି, ରଣନୈତିକ ଚିନ୍ତାଧାରା ଏବଂ ଦକ୍ଷତାକୁ ସ୍ୱୀକାର କରୁଛି । ଉପସାଗର ଅଞ୍ଚଳରୁ ଆରମ୍ଭ କରି ପଶ୍ଚିମ ଏବଂ ଦକ୍ଷିଣ ବିଶ୍ୱ ଓ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଭାରତ ଏକ ବିଶ୍ୱସ୍ତ ସହଯୋଗୀ ଭାବେ ନିଜକୁ ପ୍ରତିପାଦନ କରିପାରିଛି । ଦେଶରେ ଶକ୍ତି, ସାର ଏବଂ ଅତ୍ୟାବଶ୍ୟକ

ସାମଗ୍ରୀର ଉପଲବ୍ଧତାକୁ ସୁନିଶ୍ଚିତ କରିବା ନେଇ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଜୟଶଙ୍କର-ଟକ୍ସ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି ଆମେରିକା ପ୍ରତିପକ୍ଷ ମାର୍କୋ ରୁବିଓଙ୍କ ସହ କଥାବାର୍ତ୍ତା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି, ଟେଲିଫୋନ୍ ମାଧ୍ୟମରେ ହୋଇଥିବା ଏହି ଆଲୋଚନାରେ ପଶ୍ଚିମ ଏସିଆ ବିବାଦ ଏବଂ ଆନ୍ତର୍ଜାତିକ ଅର୍ଥନୀତି ପ୍ରସଙ୍ଗ ଉପରେ ମତବିନିମୟ ହୋଇଛି । ଶକ୍ତି ସୁରକ୍ଷା ନେଇ ଉଭୟ ପକ୍ଷ ଚିନ୍ତା ପ୍ରକଟ କରିଥିବା ଡକ୍ଟର ଜୟଶଙ୍କର କହିଛନ୍ତି । ସାଉଦିଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ସହିତ ଗଲ୍ଫ ସହଯୋଗ ପରିଷଦର ସଦସ୍ୟ ରାଷ୍ଟ୍ରର ରାଷ୍ଟ୍ରଦୂତଙ୍କ ସହ ମଧ୍ୟ ଗତକାଲି ଡକ୍ଟର ଜୟଶଙ୍କର ଆଲୋଚନା କରିଛନ୍ତି । ସାଉଦିଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍‌ରେ ୮ ନିୟୁତ ଭାରତୀୟ ବସବାସ କରୁଛନ୍ତି । ବୈଠକରେ ବାହାରିନ, ଓମାନ, କୁଏତ୍ ଏବଂ କାତାରର ରାଷ୍ଟ୍ରଦୂତ ଯୋଗଦେଇଥିଲେ ।

ଭାରତୀୟ ସମ୍ପ୍ରଦାୟଙ୍କୁ ସାମ୍ପ୍ରତିକ ପରିସ୍ଥିତିରେ ଏହି ରାଷ୍ଟ୍ରଗୁଡ଼ିକ ଯୋଗାଇ ଦେଉଥିବା ସହଯୋଗ ନେଇ ଡକ୍ଟର ଜୟଶଙ୍କର ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଡକ୍ଟର ଜୟଶଙ୍କର ତାଙ୍କର ଶ୍ରୀଲଙ୍କା ପ୍ରତିପକ୍ଷ ବିଜିତା ହେରାଥ୍‌ଙ୍କ ସହ ମଧ୍ୟ ପଶ୍ଚିମ ଏସିଆ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି ।

## ଯକ୍ଷ୍ମା ଦିବସ

ଯକ୍ଷ୍ମାରୋଗର କାରଣ, ଏହାର ନିରାକରଣ ଏବଂ ସ୍ୱାସ୍ଥ୍ୟ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପଡୁଥିବା ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯାଉଛି । ଏହି ରୋଗର ମୂଳୋତ୍ପାଟନ ପାଇଁ ପ୍ରୟାସକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ପ୍ରତିବର୍ଷ ମାର୍ଚ୍ଚ ୨୪ ତାରିଖରେ ଏହି ଦିବସ ପାଳିତ ହୋଇଥାଏ । ୧୮୮୨ ମସିହାରେ ଡକ୍ଟର ରବର୍ଟ୍ କୋଚ୍‌ଙ୍କ ଯକ୍ଷ୍ମା ଜୀବାଣୁ ଆବିଷ୍କାରର ବାର୍ଷିକୀ ପାଳନ ଅବସରରେ ଏହି ଦିବସ ପାଳନ କରାଯାଇଥାଏ । ଚଳିତ ବର୍ଷର ବିଷୟବସ୍ତୁ ରହିଛି – "ଜନ ସହଯୋଗ ଓ ଦେଶ ନେତୃତ୍ୱରେ ଆମେ ଯକ୍ଷ୍ମାକୁ ପ୍ରତିହତ କରିପାରିବା" ।

ଏହି ଦିବସମାନଙ୍କର ଅବ୍ୟବହିତ ପୂର୍ବରୁ ଗତ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ବାର୍ତ୍ତାରେ ଯକ୍ଷ୍ମା ରୋଗର ନିରାକରଣ ପାଇଁ ଗ୍ରହଣ

କରାଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନରେ ରୋଗ ଚିହ୍ନଟ, ମାଗଣା ଚିକିତ୍ସା ଏବଂ ପୁଷ୍ଟିକର ସହାୟତା ପଦକ୍ଷେପ ଦ୍ୱାରା ରୋଗି ସେବାରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି । ଯକ୍ଷ୍ମାମୁକ୍ତ ଭାରତ ଗଠନ ନେଇ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ରାଷ୍ଟ୍ରପତି ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

ଉତ୍ତର ପ୍ରଦେଶର ଗ୍ରେଟର୍ ନଏଡ଼ାର ଗୌତମବୁଦ୍ଧ ବିଶ୍ୱବିଦ୍ୟାଳୟରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଜଗତପ୍ରକାଶ ନଡ୍ଡାଙ୍କ ଅଧ୍ୟକ୍ଷତାରେ ଆଜି ବିଶ୍ୱ ଯକ୍ଷ୍ମା ଦିବସ ପାଳନ କରାଯିବ । ଏହି ଅବସରରେ ୧୦୦ ଦିନିଆ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନକୁ  ଶ୍ରୀ ନଡ୍ଡା ଶୁଭାରମ୍ଭ କରିବେ । ଏହି ଅବସରରେ ଶ୍ରୀ ନଡ୍ଡା ଯକ୍ଷ୍ମାମୁକ୍ତ ଭାରତ ଆପ୍ ଏବଂ ଯକ୍ଷ୍ମା ମୁକ୍ତ ସହରାଞ୍ଚଳ ୱାର୍ଡ୍ ପଦକ୍ଷେପର ଶୁଭାରମ୍ଭ କରିବେ ।

## ଟ୍ରମ୍ପ୍-ଇରାନ୍ ଅଏଲ୍

ଇରାନ୍ ତୈଳ କ୍ଷେତ୍ର ଉପରେ ଅସ୍ଥାୟୀ ଭାବେ କଟକଣା କୋହଳ ସଂକ୍ରାନ୍ତ ଆମେରିକା ପ୍ରଶାସନର ନିଷ୍ପତ୍ତିକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଯଥାର୍ଥ ବୋଲି କହିଛନ୍ତି । ଫ୍ଲୋରିଡ଼ାଠାରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ଶ୍ରୀ ଟ୍ରମ୍ପ୍ କହିଛନ୍ତି,  ଏହି ପଦକ୍ଷେପ ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ପରିପ୍ରେକ୍ଷୀରେ ବିଶ୍ୱ ତୈଳ ଯୋଗାଣକୁ ସହଯୋଗ ପ୍ରଦାନ କରିବ । ବିଶ୍ୱ

ଶକ୍ତି ଚାହିଦା ପୂରଣ ପାଇଁ ଏହି ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି । ତେବେ ତୈଳ କାରବାରରେ ଇରାନ୍ ପାଇବାକୁ ଥିବା ରାଜସ୍ୱ ସେହି ଅଞ୍ଚଳରେ ସଂଘର୍ଷକୁ ପ୍ରଭାବିତ କରିବାର ସମ୍ଭାବନା କମ୍ ବୋଲି ଶ୍ରୀ ଟ୍ରମ୍ପ୍ ଆଶାବ୍ୟକ୍ତ କରିଛନ୍ତି । ଆମେରିକା ଆସନ୍ତା ମାସ ୧୯ ତାରିଖ ପର୍ଯ୍ୟନ୍ତ ଇରାନ୍‌ରୁ ଉତ୍ପାଦିତ ଅଶୋଧିତ ତୈଳ ଏବଂ ପେଟ୍ରୋଲ୍ ପରିବହନ ଉପରେ ଜାରି କଟକଣାକୁ ଅସ୍ଥାୟୀ ଭାବେ କୋହଳ କରିଛି । ଫଳରେ ଇରାନ୍‌ର ଅଶୋଧିତ ତୈଳ ବିକ୍ରୟକୁ ଅନୁମତି ପ୍ରଦାନ କରାଯାଇଛି ।

## ଏଆର୍ କାନାଡ଼ା କ୍ରାସ୍

ନ୍ୟୁୟର୍କର ଲାଗାର୍ଡିଆ ବିମାନ ବନ୍ଦରର ରନ୍‌ୱେରେ ଏୟାର୍ କାନାଡ଼ା ଏକ୍ସପ୍ରେସ୍ ବିମାନ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଏହି କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାଇକେଲ୍ ରୁଷୋ ଦେଇଥିବା ସୂଚନା ଅନୁଯାୟୀ ଦୁର୍ଘଟଣାରେ ଦୁଇ ଜଣ ପାଇଲଟଙ୍କର ମୃତ୍ୟୁ ହେବା ସହ ବହୁଲୋକ ଆହତ ହୋଇଛନ୍ତି । ମଣ୍ଟ୍ରିଲ୍‌ରୁ ଆସୁଥିବା ବିମାନଟି ଗତ ରବିବାର ବିଳମ୍ବିତ ରାତ୍ରିରେ ରନ୍‌ୱେ ଉପରେ ପୋଟ୍ ଅଥରିଟି ଅଗ୍ନିସମ ଟ୍ରକ୍ ସହିତ ଧକ୍କା ହୋଇଥିଲା । ଫଳରେ ଆମେରିକାର ସବୁଠାରୁ ଏହି ବ୍ୟସ୍ତ ବହୁଳ ବିମାନ ବନ୍ଦରକୁ ବନ୍ଦ ରଖାଯାଇଥିଲା । ସେହି ବିମାନରେ

ଥିବା ୭୬ ଜଣଙ୍କ ମଧ୍ୟରୁ ଆହତ ୪୧ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଶ୍ରୀ ରୁଷୋ କହିଛନ୍ତି, କ୍ଷତିଗ୍ରସ୍ତ ଲୋକଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ କମ୍ପାନୀ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ସହ ତଦନ୍ତକାରୀଙ୍କୁ ସହଯୋଗ ପ୍ରଦାନ କରାଯାଉଛି । ଦୁର୍ଘଟଣା ଯୋଗୁଁ ୫୦୦ରୁ ଅଧିକ ବିମାନର ଉଡ଼ାଣ ବାତିଲ କରାଯାଇଥିଲା ।

# ଏନ୍‌ଏଚ୍‌ଏଆଇ-ବିଏସ୍‌ଇ

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ – ଏନ୍.ଏଚ୍.ଏ.ଆଇ. ଦ୍ୱାରା ପ୍ରାୟୋଜିତ ରାଜମାର୍ଗ ଇନ୍‌ଫ୍ରା ଇନ୍‌ଭେଷ୍ଟମେଣ୍ଟ ଟ୍ରଷ୍ଟ – ଆର୍.ଆଇ.ଆଇ.ଟି. ଆଜି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହେବ । ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ସହିତ ମନ୍ତ୍ରଣାଳୟ ଓ ଏନ୍.ଏଚ୍.ଏ.ଆଇ.ର ବରିଷ୍ଠ ପଦାଧିକାରୀ ଏହି ଅବସରରେ ଉପସ୍ଥିତ ରହିବେ । ଜାତୀୟ ରାଜପଥ କ୍ଷେତ୍ରରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ଅଧିକ ବ୍ୟାପକ କରିବାରେ ଏହା ସହାୟକ ହେବ । ଦେଶର ଭିତ୍ତିଭୂମି ବିକାଶ ଏବଂ ଆର୍ଥିକ ଇକୋସିଷ୍ଟମ୍‌କୁ ଅଧିକ ସଶକ୍ତ କରିବାରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି ।

## ଏଚ୍‌ପି-ସେସ୍ ବିଲ୍

ହିମାଚଳ ପ୍ରଦେଶ ବିଧାନସଭାରେ ରାଜ୍ୟ ମୂଲ୍ୟଯୁକ୍ତ ଟିକସ ସଂଶୋଧନ ବିଲ୍ ୨୦୨୬ ପାରିତ ହୋଇଛି । ପେଟ୍ରୋଲ ଏବଂ ହାଇସ୍ପିଡ୍ ଡିଜେଲ୍ ଉପରେ ପ୍ରତି ଲିଟର ପିଛା ସରକାର ଏଣିକି ୫ ଟଙ୍କା ପର୍ଯ୍ୟନ୍ତ ସେସ୍ ଲାଗୁ କରିବେ । ବିରୋଧିଙ୍କ କଡ଼ା ବିରୋଧ ଏବଂ କକ୍ଷ ପରିତ୍ୟାଗ ସତ୍ତ୍ୱେ ରାଜ୍ୟ ସରକାର ଏହି ବିଲ୍‌କୁ ପାରିତ କରିଛନ୍ତି ।  ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ବିଲ୍‌କୁ ସମର୍ଥନ କରି କହିଛନ୍ତି, ସେସ୍ ପରିମାଣ କାର୍ଯ୍ୟକାରୀ କରିବା ନେଇ ନିଷ୍ପତ୍ତି ସରକାର ଏହି ବିଲ୍ ମାଧ୍ୟମରେ ଗ୍ରହଣ କରିପାରିବେ । ଅନ୍ୟ ପକ୍ଷରେ ବିରୋଧି ବିଜେପି ଏଭଳି ନିଷ୍ପତ୍ତିକୁ ଜନବିରୋଧି ବୋଲି ଅଭିହିତ କରିବା ସହ ମୁଦ୍ରାସ୍ଫିତି ଉପରେ ଏହାର ପ୍ରଭାବ ପଡ଼ିବ ବୋଲି ସତର୍କ କରାଇଛି ।

## ଇସିଆଇ-ୱେଷ୍ଟ ବେଙ୍ଗଲ

ପଶ୍ଚିମବଙ୍ଗର ଜିଲ୍ଲାସ୍ତରୀୟ ନିର୍ବାଚନ ଅଧିକାରୀ, ପୁଲିସ୍ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ନିର୍ବାଚନ କମିଶନ୍ ଗତକାଲି ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ । ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ କମିଶନ୍ ରାଜ୍ୟରେ ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ ନିର୍ବାଚନକୁ ସୁନିଶ୍ଚିତ କରିବା ନେଇ ସମ୍ପୃକ୍ତ ଅଧିକାରୀଙ୍କ ସହ ମତବିନିମୟ

କରିଛନ୍ତି । ନିର୍ବାଚନ ପରିଚାଳନା ନେଇ କମିଶନ୍‌ଙ୍କ ପକ୍ଷରୁ ରାଜ୍ୟ ତଥା ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ଆବଶ୍ୟକ ପରାମର୍ଶ ଦିଆଯାଇଛି । ମତଦାନ କେନ୍ଦ୍ରରେ ଭୋଟରଙ୍କ ପାଇଁ ସର୍ବନିମ୍ନ ସୁବିଧା ସୁଯୋଗ ପ୍ରଦାନ କରିବା ଉପରେ ବୈଠକରେ ଆଲୋଚନା ହୋଇଛି । ଆଜି ରାଜ୍ୟର ରିଟର୍ଣ୍ଣିଂ ଅଫିସର୍‌ମାନଙ୍କ ସହ କମିଶନ୍ ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଆଥଲେଟିକ୍ସ ଚାମ୍ପିୟନ୍‌ସିପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଆଜିଠାରୁ ଜାତୀୟ ଇଣ୍ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନ୍‌ସିପ୍ ଆରମ୍ଭ ହେବ । ଏହି ଦୁଇ ଦିନିଆ ପ୍ରତିଯୋଗିତାରେ ୯୭ ଜଣ ମହିଳାଙ୍କୁ ମିଶାଇ ୨୭୮ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରୁଛନ୍ତି । ବରିଷ୍ଠ ଏବଂ ୨୦ ବର୍ଷରୁ କମ୍ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଦେଶର ଇଣ୍ଡୋର୍ ଦୌଡ଼କୁଦ କ୍ରୀଡ଼ା କ୍ଷେତ୍ରକୁ ଏହା ଅଧିକ ସଶକ୍ତ କରିବା ସହ କ୍ରୀଡ଼ାବିତ୍‌ଙ୍କୁ ଆନ୍ତର୍ଜାତିକ ସ୍ତରରେ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି ଆୟୋଜକ କହିଛନ୍ତି । ଆଜିର ଉଦ୍‌ଘାଟନୀ ଦିବସରେ ପୁରୁଷ ୩ହଜାର ମିଟର ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହେବ ।